


# ଫିଫା ବିଶ୍ୱକପ୍‌ର ୧୦୦୦ତମ ମ୍ୟାଚ୍




ଚଳିତ ଫିଫା ବିଶ୍ୱକପ୍‌ର ରବିବାର ଥିଲା ୧୦ମ ଦିବସ। ଫିଫା ବିଶ୍ୱକପ୍ ପାଇଁ ଏହା ଏକ ସ୍ମରଣୀୟ ଦିବସ ଥିଲା। ରବିବାର ଜାପାନ ଓ ଟ୍ୟୁନିସିଆ ମଧ୍ୟରେ ଗୌଦଲଜରାର ମୋଣ୍ଟେରୋ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍ ଫୁଟବଲ୍ ବିଶ୍ୱକପ୍ ଇତିହାସର ୧୦୦୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚରେ ଜାପାନ ୪-୦ ଗୋଲରେ ବିଜୟୀ ହୋଇଥିଲା। ଇତିହାସ ଉପରେ ନଜର ପକାଇଲେ ଫିଫା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୧୯୩୦ରେ ଉରୁଗୁଏରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଜୁଲାଇ ୧୩ ତାରିଖରେ ଫ୍ରାନ୍ସ ୪-୧ ଗୋଲରେ ମେକ୍ସିକୋକୁ ପରାସ୍ତ କରିଥିଲା। ଇତିମଧ୍ୟରେ ୯୬ ବର୍ଷ ଅତିକ୍ରାନ୍ତ କରିସାରିଥିବାବେଳେ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜାରି ରହିଛି।










## ୟାମଲଙ୍କ ପ୍ରଥମ ବିଶ୍ୱକପ୍ ଗୋଲ୍

କିମ୍ବଦନ୍ତୀ ଖେଳାଳି ମେସିଙ୍କ ସହ ତୁଳନା କରାଯାଉଥିବା ସ୍ପେନର ପ୍ରତିଭାବାନ ଯୁବ ଖେଳାଳି ଲାମିନେ ୟାମଲ ଫିଫା ବିଶ୍ୱକପ୍ ଇତିହାସରେ ତାଙ୍କ ପ୍ରଥମ ଗୋଲ୍ ଦେଇଛନ୍ତି। ରବିବାର ସାଉଦୀ ଆରବ ବିପକ୍ଷ ମ୍ୟାଚର ୧୦ମ ମିନଟରେ ୟାମଲ ଗୋଲ୍ ଦେଇ ସ୍ପେନ ପାଇଁ ଗୋଲ୍ ଖାତା ଖୋଲିଥିଲେ। ବିଶ୍ୱକପ୍‌ରେ ପ୍ରଥମ ଗୋଲ୍ ଦେବାବେଳକୁ ୟାମଲଙ୍କୁ ୧୮ ବର୍ଷ ୩୪୩ ଦିନ ହୋଇଥିଲା। ଅପରପକ୍ଷରେ ମେସି ଯେତେବେଳେ ବିଶ୍ୱକପ୍‌ରେ ତାଙ୍କର ପ୍ରଥମ ଗୋଲ୍ ଦେଇଥିଲେ ସେତେବେଳକୁ ତାଙ୍କୁ ୧୮ ବର୍ଷ ୩୫୭ ଦିନ ବୟସ ହୋଇଥିଲା। ଅର୍ଥାତ୍ ଫିଫା ବିଶ୍ୱକପରେ ଗୋଲ୍ ଦେବାରେ ମେସିଙ୍କଠାରୁ ୟାମଲ ୧୪ ଦିନ କମ୍ ସମୟ ନେଇଛନ୍ତି। ଇତିହାସ ଉପରେ ନଜର ପକାଇଲେ ଫିଫା ବିଶ୍ୱକପ୍‌ରେ ବ୍ରାଜିଲର ପେଲେ ୧୭ ବର୍ଷ ୨୩୯ ଦିନରେ ଗୋଲ ଦେଇ ସର୍ବକନିଷ୍ଠ ସ୍କୋରର ରହିଛନ୍ତି।










## ମନଜିଣିଲେ ଜାପାନ ପ୍ରଶଂସକ

ଜାପାନ-ଟ୍ୟୁନେସିଆ ମ୍ୟାଚ୍ ପରେ ଜାପାନର ପ୍ରଶଂସକମାନେ ଷ୍ଟାଡ଼ିୟମରେ ବୁଲି ବୁଲି ଅଳିଆ ସଂଗ୍ରହ କରି ସଫେଇ କରିଥିଲେ। ଜାପାନ ପ୍ରଶଂସକଙ୍କ ଏହି କାର୍ଯ୍ୟକୁ ନେଇ ଚାରିଆଡ଼େ ପ୍ରଶଂସା କରାଯାଇଛି।

